# NATIONAL NEWS BULLETIN (ODIA)

**17 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- କାନାଡ଼ାରେ ଆଜି ଜି-୭ ଶିଖର ସମ୍ମିଳନୀରେ ଯୋଗଦେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

–ଆସନ୍ତାକାଲି ଯିବେ କ୍ରୋଏସିଆ

- ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଦେଶର ବୃହତ୍ତମ ଗତିଶକ୍ତି ବହୁମୁଖୀ କାର୍ଗୋ ଟର୍ମିନାଲ୍‌ର କଲେ ଉଦ୍‌ଘାଟନ
- ଇରାନ ଓ ଇସ୍ରାଏଲ୍ ମଧ୍ୟରେ ଦେଖାଦେଇଥିବା ସଂଘର୍ଷପୂର୍ଣ୍ଣ ପରିସ୍ଥିତି ପରିପ୍ରେକ୍ଷୀରେ ଜି-୭ ନେତାମାନଙ୍କ ପକ୍ଷରୁ ମିଳିତ ବିବୃତ୍ତି ଜାରି ।
- ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଟିମ୍‌ରେ ସାମିଲ ହେଲେ ଡି.ଦୀପେଶ ଓ ନମନ୍

ଏବଂ

- ସୌରାଷ୍ଟ୍ର, କଚ୍ଛ, ପଶ୍ଚିମବଙ୍ଗ, ଓଡ଼ିଶା, ବିହାର ଓ ଝାଡ଼ଖଣ୍ଡର କେତେକ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗର ସୂଚନା

## ପିଏମ୍-କାନାଡ଼ା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କାନାଡ଼ାର କାନାନାସ୍କିସ୍‌ଠାରେ ଆଜି ରାତିରେ ଜି-୭ ସମ୍ମିଳନୀରେ ଯୋଗଦେବେ। ଏହାକୁ ମିଶାଇ ଶ୍ରୀ ମୋଦୀ କ୍ରମାଗତ ଭାବେ ଷଷ୍ଠଥର ଲାଗି ଜି-୭ ସମ୍ମିଳନୀରେ ଯୋଗ ଦେଉଛନ୍ତି।

କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ଦୁଇଦିନିଆ କାନାଡ଼ା ଗସ୍ତରେ ଯାଇ ଆଜି ସକାଳେ କାଲ୍‌ଗ୍ୟାରୀରେ ପହଞ୍ଚିଛନ୍ତି ।

ଜି-୭ ସମ୍ମିଳନୀ କାଳରେ ଶ୍ରୀ ମୋଦୀ ଅନେକଗୁଡ଼ିଏ ଦ୍ୱିପକ୍ଷୀୟ ବୈଠକରେ ଯୋଗଦେଇ ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ସମସ୍ୟା ଉପରେ ଆଲୋଚନା କରିବେ। ବିଶ୍ୱ ଅର୍ଥନୈତିକ ତଥା ଭୂ-ରାଜନୈତିକ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ଫ୍ରାନ୍ସ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, ଜର୍ମାନୀ, ଜାପାନ, ଇଟାଲୀ, କାନାଡ଼ା ଓ ୟୁରୋପୀୟ ସଂଘକୁ ନେଇ ଗଠିତ ଜି-ସେଭେନ୍ ମଞ୍ଚର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥାଏ । ଗତ କିଛି ବର୍ଷ ଧରି ଭାରତକୁ ଏହି ସମ୍ମିଳନୀରେ ଯୋଗଦେବା ଲାଗି ନିୟମିତ ଭାବେ ନିମନ୍ତ୍ରଣ କରାଯାଇ ଆସୁଛି ।

ବିଶ୍ୱର ୭ଟି ଦେଶକୁ ନେଇ ଗଠିତ ଜି-୭ରେ ଫ୍ରାନ୍ସ, ଆମେରିକା, ଇଂଲଣ୍ଡ, ଜର୍ମାନୀ, ଜାପାନ, ଇଟାଲୀ ଏବଂ କାନାଡ଼ା ଓ ୟୁରୋପୀୟ ମହାସଂଘ ସଦସ୍ୟ ଅଛନ୍ତି।

ଚଳିତ ବର୍ଷ ଜି-୭ ସମ୍ମିଳନୀରେ ବିଶ୍ୱ ଏବଂ ବିଶ୍ୱର ବିଭିନ୍ନ ସମ୍ପ୍ରଦାୟର ସୁରକ୍ଷା, ଶକ୍ତି ସୁରକ୍ଷା ଏବଂ ଡିଜିଟାଲ ପରିବର୍ତ୍ତନ ଉଦ୍ଦେଶ୍ୟରେ ଦେଶଗୁଡ଼ିକ ମଧ୍ୟରେ ଭାଗିଦାରିତା ସମ୍ପର୍କରେ ଆଲୋଚନା କରାଯିବ। ଭାରତକୁ ପ୍ରତ୍ୟେକଥର ଜି-୭ ସମ୍ମିଳନୀରେ ଯୋଗଦେବା ଲାଗି ନିମନ୍ତ୍ରଣ କରାଯାଉଛି। ପ୍ରଧାନମନ୍ତ୍ରୀ ମୋଦୀ ଆଜିର ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତା, ଶକ୍ତି ଏବଂ ଅନ୍ୟାନ୍ୟ ପ୍ରମୁଖ ପ୍ରସଙ୍ଗ ଉପରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି।

........................................................

# ପିଏମ୍-କ୍ରୋଏସିଆ

ବର୍ଦ୍ଧିତ ଭାରତୀୟ ପ୍ରବାସୀଙ୍କ ପାଇଁ କ୍ରୋଏସିଆ ଏକ ନୂତନ କେନ୍ଦ୍ର ଭାବେ ଉଭା ହୋଇଛି । ଏହି କେନ୍ଦ୍ରୀୟ ଏବଂ ଦକ୍ଷିଣ-ପୂର୍ବ ୟୁରୋପୀୟ ଦେଶରେ ଭାରତୀୟ ସଂପ୍ରଦାୟ ସଂଖ୍ୟାରେ କମ୍ ହୋଇଥିଲେ ମଧ୍ୟ ସେମାନଙ୍କର ଶକ୍ତିଶାଳୀ ସାଂସ୍କୃତିକ ଉପସ୍ଥିତି ରହିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି କ୍ରୋଏସିଆର ରାଜଧାନୀ ଜାଗ୍ରେବ୍ ରେ ପହଞ୍ଚିବେ । ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା କ୍ରୋଏସିଆକୁ ଏହା ପ୍ରଥମ ଗସ୍ତ ହେବ । ଭାରତୀୟ ପ୍ରବାସୀ ଏବଂ ଜାଗ୍ରେବ୍‌ରେ ଭାରତର ଶୁଭେଚ୍ଛୁମାନେ ସହୃଦୟତାର ସହ ପ୍ରଧାନମନ୍ତ୍ରୀଙ୍କୁ ଅପେକ୍ଷା କରିଛନ୍ତି ଏବଂ ଦୁଇଦେଶ ମଧ୍ୟରେ ସଂପର୍କ ଦୃଢ଼ ହେବ ବୋଲି ଆଶା ରଖିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଉଭୟ ଦେଶର ସଂପର୍କକୁ ଦୃଢ଼ କରିବା ବୋଲି ଜାଗ୍ରେବର ଜଣେ ରେଷ୍ଟୁରାଣ୍ଟ କର୍ମଚାରୀ ଅଭିଷେକ ଚୌହାନ ଆଶା କରିଛନ୍ତି ।

**V/O**

ସମ୍ଭାବନା ସଂପନ୍ନ ଛୋଟ ଦେଶଗୁଡ଼ିକରେ ଭାରତର ବୃଦ୍ଧି ପାଉଥିବା ପ୍ରଭାବ ପାଇଁ ଖୁସି ଅଛନ୍ତି ବୋଲି ଜାଗ୍ରେବ୍‌ରେ ଆଇ.ଟି. ପେଶାଦାର ଭାବେ କାର୍ଯ୍ୟରତ ଜଣେ ଭାରତୀୟ ସମ୍ରାଟ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ କ୍ରୋଏସିଆ ଗସ୍ତକୁ ରିପୋର୍ଟ କରୁଥିବା ଆମ ପ୍ରତିନିଧି କହିଛନ୍ତି : **V/O**

---

# ବୈଷ୍ଣବ-ମାନେସର

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ହରିଆଣାର ମାନେସରଠାରେ ଦେଶର ବୃହତ୍ତମ ଗତିଶକ୍ତି ବହୁମୁଖୀ କାର୍ଗୋ ଟର୍ମିନାଲ୍‌ର ଉଦ୍‌ଘାଟନ

କରିଛନ୍ତି । ଏହି ଅବସରରେ ସେଠାରେ ୪ଲକ୍ଷ ୫୦ ହଜାର ଯାନବାହାନ ଯାଆସ କଲାଭଳି ୪୫ ଏକର ପରିମିତ ଅଞ୍ଚଳରେ ଏହି କାର୍ଗୋ ଟର୍ମିନାଲ୍ କରାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି । କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ଅନୁଯାୟୀ ଖୁବ୍‌ଶୀଘ୍ର ୧୦୮ଟି ବହୁମୁଖୀ କାର୍ଗୋ ଟର୍ମିନାଲ୍ ଦେଶରେ କାର୍ଯ୍ୟକ୍ଷମ ହେବ ।

୨୦୨୧ ମସିହାରେ ବ୍ୟବସ୍ଥାରେ ସଂସ୍କାର ଅଣାଯିବା ପରେ ଅଳ୍ପ ସମୟ ମଧ୍ୟରେ ଏହିଭଳି ପ୍ରକଳ୍ପ କାର୍ଯ୍ୟ ସରକାର ଶେଷ କରିପାରୁଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି :

**V/O**

ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଏହି ଅବସରରେ ରେଳ କ୍ଷେତ୍ରରେ କରାଯାଇଥିବା ସଂସ୍କାରମୂଳକ କାର୍ଯ୍ୟ ସଂପର୍କରେ ସୂଚନା ଦେଇଥିଲେ । ରେଳବାଇରେ ପରିମଳ ଓ ସ୍ୱଚ୍ଛତା ଉପରେ ଅନେକ ପରିବର୍ତ୍ତନ କରାଯାଇଥିବା ସେ କହିଛନ୍ତି । ଗତବର୍ଷ ଉଭୟ ପଣ୍ୟ ଓ ଯାତ୍ରୀ ପରିବହନ କ୍ଷେତ୍ରରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

୨୦୨୪ ମସିହାରେ ୭୨୦ କୋଟି ଯାତ୍ରୀ ଭାରତୀୟ ରେଳବାଇରେ ଯାତ୍ରା କରିଥିଲାବେଳେ ୧ହଜାର ୬୦୦ ମିଲିୟନ ଟନରୁ ଅଧିକ ପଣ୍ୟ ପରିବହନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶ୍ରୀ ବୈଷ୍ଣବଙ୍କ ସମେତ ହରିଆଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ଉପସ୍ଥିତ ଥିଲେ ।

--------

# ଜି-୭ ଜଏଣ୍ଟ ଷ୍ଟେଟ୍‌ମେଣ୍ଟ

ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ସଂଘର୍ଷପୂର୍ଣ୍ଣ ପରିସ୍ଥିତି ପରିପ୍ରେକ୍ଷୀରେ ଜି-୭ ନେତାମାନେ ଏକ ମିଳିତ ବିବୃତି ଜାରି କରିଛନ୍ତି । ଜି-୭ ନେତାମାନେ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି । ନିଜକୁ ସୁରକ୍ଷିତ ରଖିବା ପାଇଁ  ଇସ୍ରାଏଲ୍‌ର ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ରହିଛି ବୋଲି କହିବା ସହିତ ସେମାନେ ଇସ୍ରାଏଲ୍ ପ୍ରତି ସମର୍ଥନ ଜଣାଇଛନ୍ତି । ମିଳିତ ବିବୃତିରେ ସଂପୃକ୍ତ ଅଞ୍ଚଳରେ ସାଧାରଣ ନାଗରିକଙ୍କ ଧନଜୀବନକୁ ସୁରକ୍ଷିତ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି । ଜି-୭ ନେତାମାନେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଅସ୍ଥିରତା ପାଇଁ ଇରାନକୁ ଦାୟୀ କରିଛନ୍ତି । ଆଣବିକ ଅସ୍ତ୍ର ହାସଲ କରିବାକୁ ଇରାନକୁ ଅନୁମତି ଦିଆନଯିବା ଉପରେ ଜି-୭ ରାଷ୍ଟ୍ରନେତାମାନେ ସେମାନଙ୍କର ପୁରୁଣା ନୀତିକୁ ଦୋହରାଇଛନ୍ତି । ଆସନ୍ତା ଦିନରେ ଇସ୍ରାଏଲ୍-ଇରାନ ମଧ୍ୟରେ  ଯୁଦ୍ଧବିରତି ହେବା ସହ  ସଂଘର୍ଷର ଅନ୍ତ ହେବ ବୋଲି ସେମାନେ ଆଶାପୋଷଣ କରିଛନ୍ତି ।

# ଏମ୍‌ଇଏ ଇଣ୍ଡିଆନ୍ ଷ୍ଟୁଡେଣ୍ଟ୍‌ସ

ଇରାନ ସ୍ଥିତ ଭାରତୀୟ ଉଚ୍ଚାୟୁକ୍ତଙ୍କ  ପଦକ୍ଷେପ ଦ୍ୱାରା  ତେହେରାନ୍‌ରେ ଥିବା ଭାରତୀୟ ଛାତ୍ରମାନଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ଇସ୍ତାହାରରେ କୁହାଯାଇଛି, ଇରାନରେ ଥିବା ଭାରତୀୟ, ଯେଉଁମାନେ ନିଜ ଉଦ୍ୟମରେ ଯାତ୍ରା କରିପାରିବେ, ସେମାନଙ୍କୁ ତେହେରାନ ସହରରୁ ଅନ୍ୟତ୍ର ଯିବା ପାଇଁ ପରାମର୍ଶ ଦିଆଯାଇଛି। କେତେକ ଭାରତୀୟଙ୍କୁ ଇରାନ ସୀମା ଟପି ଆର୍ମେନିଆ ଚାଲିଯିବା ପାଇଁ ସାହାଯ୍ୟ କରାଯାଇଛି । ଭାରତୀୟ ଉଚ୍ଚାୟୁକ୍ତ ଇରାନରେ ଥିବା ପ୍ରବାସୀ ଭାରତୀୟଙ୍କୁ ସମସ୍ତ ସହଯୋଗ ପ୍ରଦାନ କରିବା ସହ ସେମାନଙ୍କ ନିରାପତ୍ତା ଉପରେ ନଜର ରଖିଛି ।

ଇରାନରେ ଦେଖାଦେଇଥିବା ସଂଘର୍ଷପୂର୍ଣ୍ଣ ପରିସ୍ଥିତି ପରିପ୍ରେକ୍ଷୀରେ ପରବର୍ତ୍ତୀ ସମୟରେ ଆବଶ୍ୟକ ପରାମର୍ଶବଳୀ ଜାରି କରାଯିବ ବୋଲି ଇସ୍ତାହାରରେ କୁହାଯାଇଛି ।

## ୟୁଏନ୍‌ଜିଏ

ଜାତିସଂଘ ସାଧାରଣ ସଭା ପ୍ରତିବର୍ଷ ଡିସେମ୍ବର ୪ ତାରିଖକୁ ଏକପାଖିଆ ଦମନ ପଦକ୍ଷେପ ବିରୁଦ୍ଧରେ ଆନ୍ତର୍ଜାତିକ ଦିବସ ଭାବେ ଘୋଷଣା କରି ଏକ ପ୍ରସ୍ତାବ ଗ୍ରହଣ କରିଛି। ଏହି ପ୍ରସ୍ତାବ ସପକ୍ଷରେ ୧୧୬ଟି ଭୋଟ୍ ଏବଂ ବିପକ୍ଷରେ ୫୧ଟି ଭୋଟ୍ ଦିଆଯାଇଥିଲା। ୟୁରୋପୀଆନ ସଂଘ, ଅଷ୍ଟ୍ରେଲିଆ, ବ୍ରିଟେନ୍, କାନାଡା ଆଦି ବିଶ୍ୱର ଉତ୍ତର ଭାଗର ଦେଶଗୁଡ଼ିକ ଏହାର ବିପକ୍ଷରେ ଭୋଟ୍ ଦେଇଛନ୍ତି । ଆନ୍ତର୍ଜାତିକ ଆଇନ କିମ୍ବା ଜାତିସଂଘ ଚାର୍ଟରକୁ ଉଲ୍ଲଂଘନ କରୁଥିବା ଏକପାଖିଆ ଆର୍ଥିକ ଓ ବାଣିଜ୍ୟିକ ପଦକ୍ଷେପକୁ ଅସ୍ତ୍ର ଭାବେ ବ୍ୟବହାର କରିବାରୁ ନିବୃତ ରହିବାକୁ ଏହି ପ୍ରସ୍ତାବରେ ବ୍ୟବସ୍ଥା ରହିଛି । ପ୍ରସ୍ତାବରେ କୁହାଯାଇଛି, ଏକପାଖିଆ ଦମନ ପଦକ୍ଷେପ ବିକାଶଶୀଳ ଦେଶଗୁଡ଼ିକର ଅର୍ଥନୈତିକ ଏବଂ ସାମାଜିକ ଅଗ୍ରଗତି ଉପରେ ବାଧା ସୃଷ୍ଟିକରେ । ଏହା ବିପକ୍ଷରେ ବିଶ୍ୱରେ ସଚେତନତା ସୃଷ୍ଟି କରିବା ଏହି ପ୍ରସ୍ତାବର ଉଦ୍ଦେଶ୍ୟ । ଜାତିସଂଘ ମହାସଚିବଙ୍କୁ ଏ ପ୍ରସଙ୍ଗରେ ବ୍ୟାପକ ସଚେତନତା ସହିତ ଦିବସକୁ ପାଳନ ଏବଂ ପ୍ରୋତ୍ସାହିତ କରିବା ନିଶ୍ଚିତ କରିବାକୁ କୁହାଯାଇଛି । ସମସ୍ତ ଜାତିସଂଘ ସଦସ୍ୟ, ପର୍ଯ୍ୟବେକ୍ଷକ ସଂଗଠନ, ନାଗରିକ ସମାଜ ଏବଂ ବ୍ୟକ୍ତିବିଶେଷଙ୍କୁ ଏହି ଦିବସ ପାଳନ କରିବା ଏବଂ ସଚେତନତା ସୃଷ୍ଟି କରିବାରେ ସାହାଯ୍ୟ କରିବାକୁ ଆହ୍ୱାନ କରାଯାଇଛି ।

## କ୍ରିକେଟ- ଇଣ୍ଡିଆ ଅଣ୍ଡର-୧୯

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ- ବି.ସି.ସି.ଆଇ. ଆସନ୍ତା ଇଂଲଣ୍ଡ ଗସ୍ତ ପାଇଁ ଗଠିତ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଦଳରେ କେତେକ ପରିବର୍ତ୍ତନ

କରିଛି। ଆଦିତ୍ୟ ରାଣାଙ୍କ ସ୍ଥାନରେ ଡି.ଦୀପେଶଙ୍କୁ ଦଳରେ ସାମିଲ କରାଯାଇଥିବା ବେଳେ ନମନଙ୍କୁ ଖିଲାନ ପଟେଲଙ୍କ ବଦଳରେ ନିଆଯାଇଛି। ଉଭୟ ଦୀପେଶ ଏବଂ ନମନ ଦଳରେ ଅତିରିକ୍ତ ଖେଳାଳି ଭାବେ ସ୍ଥାନ ପାଇଥିଲେ। ଆଦିତ୍ୟ ଏବଂ ଖିଲାନ୍ ଅସୁସ୍ଥ ଥିବାରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଆୟୁଷ ମାହାତ୍ରେଙ୍କ ନେତୃତ୍ୱାଧୀନ ୧୯ ବର୍ଷରୁ କମ୍ ଭାରତୀୟ କ୍ରିକେଟ ଟିମ୍ ଆସନ୍ତା ୨୭ରେ ଇଂଲଣ୍ଡ ବିରୁଦ୍ଧରେ ପ୍ରଥମ ଏକଦିବସୀୟ ମ୍ୟାଚ୍ ଖେଳିବ। ଏହି ପର୍ଯ୍ୟାୟରେ ୫ଟି ଏକଦିବସୀୟ ଏବଂ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳାଯିବ।

---

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ ଆଜି ସୌରାଷ୍ଟ୍ର ଓ କଛ୍ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରିଛି । ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି, ଦକ୍ଷିଣ ଗୁଜରାଟର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଓ ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଏବଂ ପଶ୍ଚିମବଙ୍ଗର ଗାଙ୍ଗେୟ ଉପତ୍ୟକାରେ ଦୁଇଟି ଲଘୁଚାପ କ୍ଷେତ୍ରର ପ୍ରଭାବରେ ବର୍ଷା ହେବାର ଅନୁମାନ କରାଯାଇଛି । କଛ୍ ଓ ସୌରାଷ୍ଟ୍ର ବ୍ୟତୀତ ପଶ୍ଚିମବଙ୍ଗ, ଓଡ଼ିଶା, ବିହାର ଏବଂ ଝାଡ଼ଖଣ୍ଡରେ ମଧ୍ୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବାର ସୂଚନା ଦିଆଯାଇଛି । ପାଣିପାଗ ବିଭାଗ ପକ୍ଷରୁ ଦିଲ୍ଲୀ ରାଜଧାନୀ ଅଞ୍ଚଳ, ହରିଆଣା, ପଞ୍ଜାବ, ଉତ୍ତରପ୍ରଦେଶରେ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ସାମାନ୍ୟରୁ ମଧ୍ୟମଧରଣର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି ।

---